



### ଆଇଏମ୍‌ଜିଆର ସର୍ଭେ ରିପୋର୍ଟ

# ସାଇବର ଅପରାଧୀଙ୍କ କବ୍‌ଜାରେ ମୋବାଇଲ୍ ଗେମର୍

କଟକ, ୬।୬(ସମିସ)

ସାରା ଓଡ଼ିଶାରେ ମୋବାଇଲ୍ ଗେମରଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ପ୍ରତିବର୍ଷ ଏହି ହାର ବଢ଼ି ବଢ଼ି ଚାଲିଛି। ସମଗ୍ର ରାଜ୍ୟରେ ମୋବାଇଲ୍ ଗେମରଙ୍କ ସଂଖ୍ୟା ୫୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ କଟକ ସହରରେ ୧୫.୫୭ପ୍ରତିଶତ ବୃଦ୍ଧି ଘଟିଛି ବୋଲି ମୋବାଇଲ୍ ଗେମିଂ ରିପୋର୍ଟ(ଆଇଏମ୍‌ଜିଆର)୨୦୨୫-୨୬ରେ ପ୍ରକାଶ ପାଇଛି। ଯାହାକି ସାଇବର ଅପରାଧିକଙ୍କ ପାଇଁ ଏକ ଅପରାଧିକ ସୁଯୋଗ ବୋଲି କୁହାଯାଉଛି। ଗେମିଂ ପ୍ଲାଟଫର୍ମ ମୋବାଇଲ୍ ପ୍ରିମିୟର୍ ଲିଗ୍ ପକ୍ଷରୁ ଏହି ରିପୋର୍ଟ ଚଳିତ ମାସରେ ପ୍ରକାଶ ପାଇଛି। ଅନ୍‌ଲାଇନ୍‌ରେ ଲୁଡୁ, ଡାଇସ୍, ସାପ, ଶିଡି, କ୍ୟାରମ୍, ଫ୍ରୁଟ୍ ଡାର୍ଟ, ବ୍ଲକ ପଜଲ୍ ଏବଂ ପୋକର୍ ଖେଳୁଥିବା ଗେମର୍‌ଙ୍କ ସଂଖ୍ୟା ଅଧିକ ରହିଛି। ସମଗ୍ର ଦେଶରେ ଏହି ଗେମ୍‌ଗୁଡିକୁ ୧୫ବିଲିୟନ ଥର ଡାଉନଲୋଡ୍ କରାଯାଇଥିବା ବେଳେ ରାଜ୍ୟରେ ଏହି ଗେମ୍ ଗୁଡିକ ୬୦ ମିଲିୟନ୍‌ରୁ ଅଧିକ ଡାଉନଲୋଡ୍ ହୋଇଛି। ତନ୍ମଧ୍ୟରୁ କଟକ-ଭୁବନେଶ୍ୱରରେ ଏହା ୪୦ ମିଲିୟନ୍‌ରୁ ଅଧିକ ଥର ଡାଉନଲୋଡ୍ ହୋଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଦ୍ୱୈତନଗରୀରେ ୪୦ ମିଲିୟନ୍ ଗେମର(ଖେଳାଳି) ଅନଲାଇନ୍‌ରେ ଏହି ଖେଳ ଖେଳୁଛନ୍ତି। ଯାହାକି ସାଇବର କ୍ରାଇମକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରୁଛି ବୋଲି କଟକ ସାଇବର ଥାନା ପକ୍ଷରୁ ଜଣାପଡ଼ିଛି।



ମିଳିଥିବା ସୂଚନା ଅନୁସାରେ, ଅନଲାଇନ୍ ଗେମ୍ ଆପ ମାଧ୍ୟମରେ ସାଇବର ଲୁଟେରାମାନେ ବ୍ୟକ୍ତିର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରି ନେଉଛନ୍ତି। ଏକାଧିକ ଗେମିଂ ଆପ୍ ଏବେ ସାଇବର ଅପରାଧୀଙ୍କ କବଜାରେ ରହିଛି। ଏହି ଗେମ୍ ଆପ୍‌କୁ ଡାଉନଲୋଡ୍ କରିବା ମାତ୍ରେ ସାଇବର ଅପରାଧୀ ସେମାନଙ୍କ ଠକାମିର ପ୍ରକ୍ରିୟା ଆରମ୍ଭ କରି ଦିଅନ୍ତି। ଯଦିଓ ସବୁ ଗେମ୍ ଆପ୍ ଗୁଡ଼ିକରେ ଠକାମି ହୁଏ ନାହିଁ ୪୦ପ୍ରତିଶତରୁ ଅଧିକ ଗେମ୍ ଆପ୍ ସୁରକ୍ଷିତ ନୁହେଁ ବୋଲି ଜଣାପଡ଼ିଛି। ଏବେ ବିପଦପୂର୍ଣ୍ଣ ଗେମ୍ ଫ୍ରି-ଫାୟାର୍, ବ୍ଲୁ-ହ୍ୱେଲ୍, ସିନେମୋନ୍ ଚ୍ୟାଲେଞ୍ଜ୍, ଚୋକିଂ ଗେମ୍, ମାରିୟମସ୍ ଗେମ୍, ଟାଇଡ୍ ପଡ୍ ଚ୍ୟାଲଞ୍ଜ୍, ଫାଇବ୍ ଫିଙ୍ଗର ଫଲେଟ୍, ଗ୍ୟାଲୋନ୍ ଚ୍ୟାଲେଞ୍ଜ୍, ଦି' କଟିଂ ଚ୍ୟାଲେଞ୍ଜ୍, ଦି' ସଲଟ୍ ଆଣ୍ଡ ଆଇସି ଚ୍ୟାଲେଞ୍ଜ୍ ଭଳି ୧୫ଟି ବିପଦପୂର୍ଣ୍ଣ ଗେମିଂ ଆପ୍‌କୁ ବନ୍ଦ କରାଯାଇଛି। ହେଲେ ସାଇବର ଅପରାଧୀମାନେ ଲୁଡ୍, କ୍ୟାରମ୍ ଭଳି ସହଜ ଗେମ୍ ଆପ୍ ଉପରେ ନଜର ପକାଇଛନ୍ତି। ଗେମ୍ ୟୁଜର୍ସ ଓ ସାଇବର ଅପରାଧୀଙ୍କ ସଂଖ୍ୟା ବୃଦ୍ଧି କାରଣରୁ ଏଭଳି ସାଇବର ଅପରାଧ ଏବେ ବୃଦ୍ଧି ପାଇବାର ଲାଗିଛି।

ସାଇବର ଅପରାଧୀଙ୍କ ପ୍ରଲୋଭନରେ ପଡ଼ି ବହୁ ଲୋକେ ପ୍ରତିଦିନ ଏହି ଗେମିଂ ଆପ୍ ମାଧ୍ୟମରେ ଠକାମିର ଶିକର ହୋଇ ଅର୍ଥ ହରାଉଛନ୍ତି। ଏ ସଂକ୍ରାନ୍ତରେ ଥାନା ଓ ସାଇବର ସେଲ୍‌ଫରେ ଅଭିଯୋଗ ସଂଖ୍ୟା ବଢ଼ିବଢ଼ି ଚାଲିଛି। କଟକରେ ୨୦୨୫ରୁ ୨୦୨୬ ମାର୍ଚ୍ଚ ମାସ ମଧ୍ୟରେ ୪ ହଜାରରୁ ଅଧିକ ସାଇବର ଅପରାଧିକ ମାମଲା ଥାନାରେ ପଞ୍ଜିକୃତ ହୋଇଛି। ଏବେଠାରୁ ଏଥିପ୍ରତି ସଚେତନ ନହେଲେ ଆଗାମୀ ଦିନରେ ଏହା ବହୁଗୁଣା ବୃଦ୍ଧି ପାଇବାରୁ ଆଶଙ୍କା ଦେଖାଦେଇଛି। ଏଥିନିମନ୍ତେ ସାଇବର ପୁଲିସ ବିଭିନ୍ନ ସମୟରେ ସଚେତନତା ବାର୍ତ୍ତା ଜାରି କରୁଥିବା ବେଳେ ସ୍କୁଲ ଓ କଲେଜ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଯଦି ଅଭିଭାବକମାନେ ପିଲାମାନଙ୍କୁ ଗେମିଂ ଆପରୁ ଦୂରେଇ ନରଖନ୍ତି, ତେବେ ସାଇବର ଅପରାଧ ଆହୁରି ବୃଦ୍ଧି ଘଟିବ ବୋଲି କୁହାଯାଉଛି।

## ଏମ୍ସରେ ମହିଳାଙ୍କ ହାତରୁ କଢ଼ାଗଲା ୭ କେଜିର ଟ୍ୟୁମର୍

ଭୁବନେଶ୍ୱର,୬।୬(ସମିସ):ଏମ୍ସ ଭୁବନେଶ୍ୱରର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡାକ୍ତରମାନେ ଜଣେ ୪୭ ବର୍ଷୀୟା ମହିଳାଙ୍କର ବାମ ହାତରେ ଥିବା ଏକ ପ୍ଲେକ୍ସିଫର୍ମ ନ୍ୟୁରୋଫାଇବ୍ରୋମା ଟ୍ୟୁମରକୁ ଅସ୍ତ୍ରୋପଚାର କରିଛନ୍ତି। ପ୍ରାୟ ତିନି ଦଶନ୍ଧି ଧରି ପୀଡ଼ିତାଙ୍କ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଥିବା ୭ କିଲୋଗ୍ରାମର ଏହି ବିଶାଳ ଟ୍ୟୁମରକୁ ଦୁଇଟି ପର୍ଯ୍ୟାୟରେ କଢ଼ାଯାଇଛି। ମୟୂରଭଞ୍ଜ ଜିଲ୍ଲା, ବାରିପଦାର ଜଣେ ଦିନମଜୁରିଆ ଶ୍ରମିକଙ୍କ ବାମ ହାତରେ ଟ୍ୟୁମର ରହିଥିଲା। ପ୍ରାୟ ୩୦ ବର୍ଷ ଧରି ରହିଥିବା ଏହି ଟ୍ୟୁମର କ୍ରମଶଃ ବୃଦ୍ଧି ପାଇବା ସହ ଅତ୍ୟନ୍ତ ଭାରୀ ହୋଇଗଲା। ରୋଗୀଙ୍କୁ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଯାଇଥିଲା। ଆଜି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଜଟିଳ ଅସ୍ତ୍ରୋପଚାରର ସଫଳ ସମ୍ପାଦନକୁ ପ୍ରଶଂସା କରି ଏହି ପ୍ରକ୍ରିୟା ମହିଳାଙ୍କୁ ଏକ ନୂତନ ଜୀବନ ପ୍ରଦାନ କରିଥିବା ଡ. ବିଶ୍ୱାସ ପ୍ରକାଶ କରିଥିଲେ। ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଶଲ୍ୟଚିକିତ୍ସା ଦଳରେ ଡ. ସଞ୍ଜୟ କୁମାର ଗିରି, ଡ.ଶ୍ୟାମ ସୁନ୍ଦର ବେହେରା, ଡ.ଆହାନା ବନ୍ଦୋପାଧ୍ୟାୟ, ଡ. ସୂର୍ଯ୍ୟ ଯଶସ୍ୱୀ ପିଭିଏସ, ଡ. କୀର୍ତ୍ତି ଜି, ଡ. ନିଖିଲ କୁମାର ଶର୍ମା ଏବଂ ଡ. ଆଶୁତୋଷ ଅଧିକାରୀ ସାମିଲ ଥିବା ବେଳେ ଡ. ଦେବୀଶ୍ରୀ ଦାସ ଏବଂ ଡ. ପୂଜା ଆନାସ୍ଥସିଆ ସହାୟତା ପ୍ରଦାନ କରିଥଲେ।



## ଲୋକ ଭବନରେ ୪୮୫ କିଲୋୱାଟ୍‌ପି ସୋଲାର ପ୍ଲାଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର,୬।୬(ସମିସ): ଲୋକ ଭବନରେ ୪୮୫ କିଲୋୱାଟ୍‌ପି ରୁଫଟପ୍ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଶନିବାର ଦିନ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଏନ୍‌ବିସିସିର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର କେ.ପି. ମହାଦେବସ୍ୱାମୀ ସମେତ ଲୋକ ଭବନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଉଦଘାଟନ ଅବସରରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ନବୀକରଣଯୋଗ୍ୟ ଶକ୍ତି ଆଡ଼କୁ ଯିବା ଆବଶ୍ୟକ। ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମ କରି ସବୁଜ ଶକ୍ତିକୁ ପ୍ରୋତ୍ସାହନ ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟ ବଦଳାଇବା ପାଇଁ ୧୫ ହଜାର ଲାଞ୍ଚ



ଲାଇନମ୍ୟାନ ଗିରଫ

କଟକ/ନରସିଂହପୁର, ୬।୬(ସମିସ): ଭଙ୍ଗା ବିଦ୍ୟୁତ ଖୁଣ୍ଟ ବଦଳାଇବା ପାଇଁ ଜଣେ ଚାଷୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଟିପିସିଓଡିଏଲ୍‌ର ଜଣେ କର୍ମଚାରୀ। କଟକ ନରସିଂହପୁର ବିଦ୍ୟୁତ ବିଭାଗର ଲାଇନମ୍ୟାନ(ଏ) ଧର୍ମ ନିରଞ୍ଜନ ଚୌଧୁରୀ ଜଣେ ଚାଷୀଙ୍କ ଜମିରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟକୁ ବଦଳାଇବା ପାଇଁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍, ଚାଷୀଙ୍କ ଅଭିଯୋଗକୁ ଭିତ୍ତି କରି, ଯୋଜନା ପ୍ରସ୍ତୁତ କରିବା ପରେ ଘଟଣାସ୍ଥଳରେ ମାଡ଼ି ବସିଥିଲେ। ଯୋଜନା ମୁତାବକ, ଭିଜିଲାନ୍ସ ଟିମ ଆଗୁଆ ଉପସ୍ଥିତ ରହିଥିବା ବେଳେ ସମ୍ପୃକ୍ତ ଲାଇନମ୍ୟାନ ଶ୍ରୀ ଚୌଧୁରୀ ଅଭିଯୋଗକାରୀଙ୍କଠାରୁ ୧୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲେ। ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି। ସମ୍ପୃକ୍ତ ଚାଷୀଙ୍କ ଜମି ଉପର ଦେଇ ଏକ ୧୧ କେଭି ବିଦ୍ୟୁତ ଲାଇନ ଯାଇଥିଲା। ସେହି ଜମିରେ ଏକ ବିଦ୍ୟୁତ ଖୁଣ୍ଟ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଭାଙ୍ଗି ପଡ଼ିଥିଲା। କୌଣସି ଅଘଟଣ ଆଶଙ୍କା କରି ଚାଷୀ ଜଣକ ଏହାକୁ ବଦଳାଇବା ପାଇଁ ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟରେ ଅନୁରୋଧ କରିଥିଲେ। ଏହି କାମର ଦାୟିତ୍ୱ ଲାଇନମ୍ୟାନ ଶ୍ରୀ ଚୌଧୁରୀଙ୍କୁ ଦିଆଯାଇଥିଲା। ତେବେ ଖୁଣ୍ଟ ବଦଳାଇବା ପାଇଁ ଶ୍ରୀ ଚୌଧୁରୀ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ୟୁପିଆଇ ମାଧ୍ୟମରେ ସେ ଅଗ୍ରୀମ ୮ ହଜାର ଟଙ୍କା ନେଇଥିଲେ। ନୂଆ ଖୁଣ୍ଟ ଲଗାଇବା ପରେ ବାକି ୧୭ହଜାର ଟଙ୍କା ଦେବାକୁ ଶ୍ରୀ ଚୌଧୁରୀ ସମ୍ପୃକ୍ତ ଚାଷୀଙ୍କ ଉପରେ ଚାପ ପକାଇଥିଲେ ଏବଂ ଟଙ୍କା ନଦେଲେ ଜମିରୁ ପୁରୁଣା ଭଙ୍ଗା ଖୁଣ୍ଟ ଉଠାଇବେ ନାହିଁ ବୋଲି କହିଥିଲେ। ଚାଷୀ ଜଣକ ଏତେ ଟଙ୍କା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ, ଶେଷରେ ୧୫ ହଜାର ଟଙ୍କା ଦେବା ପାଇଁ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ଏଭଳି ଶୋଷଣରେ ଅତିଷ୍ଠ ହୋଇ ଚାଷୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ତେବେ ଆଜି ଧରାପଡ଼ିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ ଅଭିଯୋଗରେ ଲାଇନମ୍ୟାନ ଶ୍ରୀ ଚୌଧୁରୀଙ୍କ ବାସଭବନ ସମେତ ଏକ ସ୍ଥାନରେ ଚଢ଼ଉ ଜାରି ରହିଛି। ଶ୍ରୀ ଚୌଧୁରୀଙ୍କ ନରସିଂହପୁର ପାଇକପଡ଼ାପାଟଣାସ୍ଥିତ ଘରୁ ଭିଜିଲାନ୍ସ ଦଳ ନଗଦ ୨ ଲକ୍ଷ ଟଙ୍କା ଜବତ କରିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରାଯାଇ ଅଧିକ ତଦନ୍ତ ଚାଲିଛି।

## ଅବାଦା ଭାରତ ଉଦୟ ଯାତ୍ରା ଉଦ୍‌ଘାଟିତ




ଭୁବନେଶ୍ୱର, ୬।୬(ସମିସ): ଅଭାଦା ଗ୍ରୁପ୍ ପକ୍ଷରୁ ଆୟୋଜିତ 'ଅଭାଦା ଭାରତ ଉଦୟ ଯାତ୍ରା' କାର୍ଯ୍ୟକ୍ରମକୁ ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଓଡ଼ିଶାରେ ନବୀକରଣଯୋଗ୍ୟ ଶକ୍ତି, ସବୁଜ ହାଇଡ୍ରୋଜେନ ଓ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଥିଲେ।

ଶ୍ରୀ ସିଂହଦେଓ କହିଥିଲେ ଯେ, ସ୍ୱଚ୍ଛ ଶକ୍ତି ରୂପାନ୍ତରଣ କେବଳ ପରିବେଶ ସୁରକ୍ଷା ପାଇଁ ନୁହେଁ, ବରଂ ଅର୍ଥନୈତିକ ବିକାଶ, ନିଯୁକ୍ତି ସୃଷ୍ଟି ଓ ଶକ୍ତି ନିରାପତ୍ତାକୁ ମଧ୍ୟ ସୁଦୃଢ଼ କରିବ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ଅଭାଦା ଗ୍ରୁପ୍?ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭାଦା ଭାରତ ଉଦୟ ଯାତ୍ରା ମାଧ୍ୟମରେ ନବୀକରଣଯୋଗ୍ୟ ଶକ୍ତି, ସବୁଜ ଜୀବନଶୈଳୀ ଓ ଜଳବାୟୁ ସଚେତନତା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଯାଉଛି।

## ଛାତ୍ରଛାତ୍ରୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି ପାଇଁ ଭାରତ ପୋର୍ଟାଲ

ଭୁବନେଶ୍ୱର, ୬।୬ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଗୋଟିଏ ପ୍ଲାଟଫର୍ମରେ ଏକତ୍ର କରାଯିବ। ଏଥିପାଇଁ ମାଇଁ ଭାରତ (ମେରା ଯୁବ ଭାରତ) ପୋର୍ଟାଲରେ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜିକରଣ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ମିଶନ ମୋଡ୍‌ରେ ଅଭିଯାନ ଚଳାଇବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ଡିଗ୍ରୀ କଲେଜ ଏବଂ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ 'ମାଇ ଭାରତ ପୋର୍ଟାଲ'ରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପଞ୍ଜୀକୃତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ପଞ୍ଜୀକରଣ ଶିବିର, କର୍ମଶାଳା ଓ ସାମାଜିକ ଗଣମାଧ୍ୟମ ଅଭିଯାନ ଆୟୋଜନ କରାଯିବ। ବିଶେଷକରି ଏନ୍‌ଏସ୍‌ଏସ୍, ଏନ୍‌ସିସି, ଯୁଥ ରେଡକ୍ରସ୍, ରୋଭର୍ସ ଓ ରେଞ୍ଜର୍ସ ସମେତ ବିଭିନ୍ନ ଛାତ୍ର ସଂଗଠନର ସଦସ୍ୟଙ୍କ ନାମ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ ନୋଡାଲ ଅଫିସର୍ ନିଯୁକ୍ତ କରି ପ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ● 'ତୋଷାଳୀ ଲିଟରେଚର୍ ଟ୍ରଷ୍ଟ' ପକ୍ଷରୁ 'ଅକ୍ଷରା'

## କବି ମହୁଆ ସେନ୍‌ଙ୍କୁ 'ଅକ୍ଷରା ସମ୍ମାନ'

ଭୁବନେଶ୍ୱର, ୬।୬(ସମିସ): ସାହିତ୍ୟ ଏଭଳି ଏକ କ୍ଷେତ୍ର ଯେଉଁଥିରେ କୌଣସି ଭେଦଭାବ ଓ ବୈଷମ୍ୟ ବିନା ଭାବ ପ୍ରକାଶ କରିହୁଏ। ବିଶେଷ କରି ସାହିତ୍ୟ ରଚନାରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ବହୁମୁଖୀ। ଏଥିରେ ସେମାନେ ଉଭୟ ସ୍ରଷ୍ଟା ଓ ଚରିତ୍ର ଭାବରେ ସ୍ଥାନ ଅଧିକାର କରିପାରନ୍ତି। ପୁରାଣ ତଥା କାବ୍ୟ ସାହିତ୍ୟରେ ମଧ୍ୟ ସେମାନଙ୍କ ସୃଜନଶୀଳତା, ତ୍ୟାଗ, ଶକ୍ତି ଆଦି ପ୍ରକାଶିତ ହୋଇଛି। ସେହିପରି ଆଧୁନିକ ସାହିତ୍ୟରେ ମଧ୍ୟ ସମ୍ବେଦନଶୀଳତା ସହିତ ବିଦ୍ରୋହ, ସ୍ୱାଭିମାନ, ସଂଘର୍ଷ ଆଦିର ପ୍ରତିଫଳନ ଦୃଶ୍ୟମାନ ହେଉଛି। 'ତୋଷାଳୀ ଲିଟରେଚର୍ ଟ୍ରଷ୍ଟ' ପକ୍ଷରୁ ସାହିତ୍ୟରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅକ୍ଷରା'ରେ ଯୋଗଦେଇ ଅତିଥିମାନେ ଏଭଳି କହିଛନ୍ତି। ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଶଶୀପ୍ରଭା ବିନ୍ଧାଣୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଲେଖିକା ପାରମିତା ଶତପଥୀ, ମୁଖ୍ୟ ଅତିଥି କୋଲକାତା ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ନନ୍ଦିନୀ ସାହୁ, ମୁଖ୍ୟ ବକ୍ତା କବି ତଥା ସମାଲୋଚିକା ପ୍ରଫେସର ରାନୁ ୟୁନିଆଲ ପ୍ରମୁଖ ଯୋଗଦେଇ ମହିଳାମାନେ ସାହିତ୍ୟକୁ ଏକ ନୂତନ ଦିଗ ଓ ଆଭିମୁଖ୍ୟ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ କବି ତଥା ଅନୁବାଦିକା ମହୁଆ ସେନ୍‌ଙ୍କୁ 'ଅକ୍ଷରା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ ପ୍ରଦୀପ ବିଶ୍ୱାଳ, ପରେଶ ପଟ୍ଟନାୟକ, ନମିତା ରାଣୀ ପଣ୍ଡାଙ୍କ ସମ୍ପାଦିତ ପୁସ୍ତକ 'ତୋଷାଳୀ ଆନ୍ଥୋଲୋଜି ଅଫ୍ ଲଭ୍ ପୋଏମସ୍' ଓ ମିତ୍ରା ସାମଲଙ୍କ ପୁସ୍ତକ 'ସାଇଲେନସ୍ ହାଜ୍ ଏ ସାଉଣ୍ଡ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଗାଳ୍ପିକା ସରୋଜିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ଚିରଶ୍ରୀ ଇନ୍ଦ୍ରସିଂହ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଜୟନ୍ତୀ ରଥ ଓ ଚିନ୍ମୟୀ ନନ୍ଦ ଯୋଗ ଦେଇଥିଲେ। ସେହିପରି କବି ଅପର୍ଣ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ତୃତୀୟ ଅଧିବେଶନରେ ଅତିଥି ଭାବେ ସ୍ନେହପ୍ରଭା ଦାସ, ନମିତା ଲକ୍ଷ୍ମୀ ଜଗଦେବ, ସଂଘମିତ୍ରା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ମହୁଆ ସେନ ଏହି ଅଧିବେଶନକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଭାସିନୀ ମହାକୁଡ଼ ଓ ଲୋପାମୁଦ୍ରା ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କବିତା ପାଠୋତ୍ସବରେ ୨୫ଜଣ କବି ଯୋଗଦେଇ କବିତା ପାଠ କରିଥିଲେ। ସରିତା ପୃଷ୍ଟି ଏହାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଲୋପାମୁଦ୍ରା ସିଂହ ମଞ୍ଚ ଉପସ୍ଥାପନା ସହ ଧନ୍ୟବାଦ ପ୍ରଦାନ କରିଥିଲେ।



## ୪୩ ପୁଲିସ ଇନ୍ସପେକ୍ଟରଙ୍କ ବଦଳି

କଟକ, ୬।୬(ସମିସ): ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ୪୩ ଜଣ ପୁଲିସ ଇନ୍ସପେକ୍ଟରଙ୍କ ଅଦଳବଦଳ କରାଯାଇଛି। ଓଡ଼ିଶା ପୁଲିସ ରାଜ୍ୟ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ପ୍ରତିଷ୍ଠାନରେ କାର୍ଯ୍ୟରତ ୪୩ ଜଣ ଇନ୍ସପେକ୍ଟରଙ୍କୁ ବଦଳି କରାଯାଇ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଖାଲି ପଡ଼ିଥିବା ପଦ, ପ୍ରଶାସନିକ ଆବଶ୍ୟକତା ଏବଂ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଡିଜିପିଙ୍କ ନିର୍ଦ୍ଦେଶରେ ଏହି ବଦଳି କରାଯାଇଛି। ବଦଳି ହୋଇଥିବା ସମସ୍ତ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ଅବ୍ୟାହତି ନେଇ ନୂଆ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନେଇ ପରାମର୍ଶବଳୀ

## ନିର୍ଦ୍ଦେଶନାମା ଉଲ୍ଲଂଘନ କଲେ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୬।୬(ସମିସ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି (ଏସ୍‌ଏଚଏଏସ୍) ପକ୍ଷରୁ ଆଡଭାଇଜରୀ ଜାରୀ ହୋଇଯାଇଛି। ଏହା ଅଧୀନରେ ଚିକିତ୍ସା ସେବା ପାଉଥିବା ହିତାଧିକାରୀ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ ଏବଂ ରୋଗୀ ଡିସ୍‌ଚାର୍ଜ ହେବା ପରେ ୧୫ ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରାମର୍ଶ, ଔଷଧ, ଡାଇଗ୍ନୋଷ୍ଟିକ୍ ପରୀକ୍ଷା ଓ ପୋଷ୍ଟ-ଅପରେଟିଭ୍ କେୟାର ମଧ୍ୟ ପ୍ୟାକେଜ ମୂଲ୍ୟ ଅଧୀନରେ ରହିବ ଏବଂ ପୋଷ୍ଟ-ହସ୍ପିଟାଲାଇଜେସନ ସମ୍ବନ୍ଧୀୟ ଖର୍ଚ୍ଚ ଆଦାୟ ନ କରିବାକୁ ଏସ୍‌ଏଚଏଏସ୍ ପକ୍ଷରୁ ସମସ୍ତ ପଞ୍ଜୀକୃତ ହସ୍ପିଟାଲକୁ କଡ଼ା ନିର୍ଦ୍ଦେଶ ଜାରୀ କରାଯାଇଛି। ଚିକିତ୍ସାଳୟଗୁଡ଼ିକ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇବା ସହିତ ଡିସ୍‌ଚାର୍ଜ ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଆବଶ୍ୟକ ଫଲୋ-ଅପ୍ ଭିଜିଟ୍ ଓ ପରୀକ୍ଷା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ପ୍ରଦାନ କରିବାକୁ ବାଧ୍ୟ। ଅସ୍ତ୍ରୋପଚାର କ୍ଷେତ୍ରରେ ଚିକିତ୍ସା ସହ ଜଡିତ ରୋଗୀ ଡିସ୍‌ଚାର୍ଜ ଜଟିଳତା ଏବଂ ପୁନଃଭର୍ତ୍ତି ହେବାର ଖର୍ଚ୍ଚ ମଧ୍ୟ ପୂର୍ବ ପ୍ୟାକେଜ ମୂଲ୍ୟରେ ସାମିଲ ରହିବ।

ସମସ୍ତ ପଞ୍ଜୀକୃତ ହସ୍ପିଟାଲ ଏହି ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଏବଂ ପ୍ୟାକେଜ ଅଧୀନରେ ଥିବା କୌଣସି ସେବା ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶନାମାର ଉଲଂଘନ କରୁଥିବା ହସ୍ପିଟାଲ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ କୁହାଯାଇଛି। ଆଜି ଏହି ପରିପେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭୁବନେଶ୍ୱରର ଦୁଇଟି ବେସରକାରୀ ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ କରି ଜାରି ହୋଇଥିବା ଆଡଭାଇଜରୀ କେମିତି ଅନୁପାଳନ ହେଉଛି ପଚାରି ବୁଝିଥିଲେ। ସେହିପରି ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ବରୁ ହୋଇଥିବା ପଞ୍ଜୀକୃତ ମେଡିକାଲ ମାନଙ୍କ ସହ ସମୀକ୍ଷା ବୈଠକରେ ହେଲ୍ପଡେସ୍କ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ବିଷୟରେ ପଚାରିବା ସହ ରୋଗୀଙ୍କୁ ସମ୍ମାନର ସହ ଉଚିତ୍ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।



## ୯ରେ ଅତି ନିକଟରେ ଦେଖାଯିବେ ବୃହସ୍ପତି ଓ ଶୁକ୍ର

ଭୁବନେଶ୍ୱର, ୬।୬(ସମିସ)

ଚଳିତ ମାସ ୯ ତାରିଖ ସନ୍ଧ୍ୟାରେ ଆକାଶରେ ବୃହସ୍ପତି ଏବଂ ଶୁକ୍ର ଗ୍ରହ ଅତ୍ୟନ୍ତ ନିକଟତର ଦେଖାଯିବେ। ଏହି ବର୍ଷର ସବୁଠାରୁ ସୁନ୍ଦର ମହାକାଶୀୟ ଘଟଣା ମଧ୍ୟରୁ ଗୋଟିଏ ଦେଖିବାର ସୁଯୋଗ ଆସୁଛି। ଜ୍ୟୋତିର୍ବିଦମାନେ ଏହାକୁ ଏକ ଗ୍ରହ ସଂଯୋଗ ଭାବରେ ଉଲ୍ଲେଖ କରନ୍ତି। ପଶ୍ଚିମ ଆକାଶରେ ସୂର୍ଯ୍ୟାସ୍ତ ପରେ ଏହି ସଂଯୋଗ ଦୃଶ୍ୟମାନ ହେବ। ପୃଥିବୀରୁ ଦୃଶ୍ୟମାନ ସବୁଠାରୁ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଏବଂ ସୌରମଣ୍ଡଳର ସର୍ବବୃହତ୍ ଗ୍ରହ ବୃହସ୍ପତି କେବଳ ୧.୫ ଡିଗ୍ରୀ ପୃଥକରେ ଦେଖାଯିବେ। ଅର୍ଥାତ୍ ଗ୍ରହ ଦୁଇଟି ପୂର୍ଣ୍ଣ ଚନ୍ଦ୍ର ବ୍ୟାସର ୩ ଗୁଣ ଆକାରର ଅଞ୍ଚଳ ଭିତରେ ଦେଖାଯିବେ। ସୂର୍ଯ୍ୟାସ୍ତ ପରେ ପ୍ରାୟ ଏକରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହି ଯୋଡ଼ି ଦୃଶ୍ୟମାନ ରହିବ। ଚଳିତ ମାସ ୭ ତାରିଖ ଯାଏଁ ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଆକାଶରେ ପ୍ରଥମେ ଶୁକ୍ର ଦୃଶ୍ୟମାନ ହେବ। କିଛି ସମୟ ପରେ ଅପେକ୍ଷାକୃତ ସାମାନ୍ୟ କମ ଉଜ୍ଜ୍ୱଳ ବୃହସ୍ପତି ଶୁକ୍ର ଗ୍ରହର କିଛି ତଳକୁ ଦେଖାଯିବ। ଦିନକୁ ଦିନ ଗ୍ରହ ଦୁଇଟି ପରସ୍ପରର ନିକଟତର ହେବେ ଓ ୮-୯ ତାରିଖ ରାତିରେ ପୁରା ପାଖାପାଖି ଦେଖାଯିବେ। ତା ପରେ ଶୁକ୍ର ଗ୍ରହ ଉପରକୁ ଉପରକୁ ଉଠି ବୃହସ୍ପତି ଠାରୁ ଦୂରରେ ଦେଖାଯିବ। ଗ୍ରହ ଦୁଇଟି ମହାକାଶରେ ପରସ୍ପର ନିକଟରେ ଦେଖାଗଲେ ମଧ୍ୟ ସେମାନେ ଆମ ଠାରୁ ସମାନ ଦୂରତାରେ ନାହାଁନ୍ତି। ଶୁକ୍ର ସୂର୍ଯ୍ୟଠାରୁ ପ୍ରାୟ ୧୧ କୋଟି କିଲୋମିଟର ଦୂରରେ ଥିଲାବେଳେ ବୃହସ୍ପତି ପ୍ରାୟ ୭୮ କୋଟି କିଲୋମିଟର ଦୂରରେ ସୂର୍ଯ୍ୟ ପରିକ୍ରମା କରେ। ଏପରି ଦେଖାଯିବାର କାରଣ ଏବେ ପୃଥିବୀ, ଶୁକ୍ର ଓ ବୃହସ୍ପତି ପ୍ରାୟ ଏକ ସରଳ ରେଖାରେ ଏବଂ ଶୁକ୍ର ପଛରେ ବୃହସ୍ପତି ରହିଛି। ଶୁକ୍ର-ବୃହସ୍ପତି ସଂଯୋଗ ଗତ ୧ ମାର୍ଚ୍ଚ, ୨୦୨୩ ରେ ହୋଇଥିଲା। ପରବର୍ତ୍ତୀ ସଂଯୋଗ ୨୬ ଅଗଷ୍ଟ, ୨୦୨୭ ସନ୍ଧ୍ୟା ଆକାଶରେ ଦେଖାଯିବ। ପଶ୍ଚିମ ଦିଗବଳୟ ମେଘ ମୁକ୍ତ ଥିଲେ ଓଡ଼ିଶା ଏବଂ ଭାରତର ସବୁ ସ୍ଥାନରେ ଏହି ଘଟଣା ଖାଲି ଆଖିରେ ସନ୍ଧ୍ୟା ୭ଟା ରୁ ରାତି ୮ଟା ମଧ୍ୟରେ ଦେଖି ହେବ। ଆଗାମୀ ଏକ ମାସ ଧରି ସନ୍ଧ୍ୟା ସମୟରେ ଉଜ୍ଜଳ ଶୁକ୍ର ଏବଂ ବୃହସ୍ପତି ଗ୍ରହ ଖାଲିଆଖିକୁ ଏକ ଚମତ୍କାର ଦୃଶ୍ୟ ପ୍ରଦାନ କରିବେ। ତେଣୁ, ସୂର୍ଯ୍ୟାସ୍ତ ପରେ ବାହାରକୁ ଆସନ୍ତୁ। ଆକାଶରେ ସେହି ଉଜ୍ଜ୍ୱଳ ସ୍ଥିର 'ତାରା' ଖୋଜି ଶୁକ୍ର ଏବଂ ବୃହସ୍ପତିକୁ ଉପଭୋଗ କରନ୍ତୁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୯ ● ପାଉଣ୍ଡ ୧୨୮.୫୩
- ୟୁରୋ ୧୧୧.୧୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୦୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୪୩.୦୦
- ନିଫ୍ଟି ୨୩,୩୬୬.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

## ସିଜେପି ବିକ୍ଷୋଭ ଉପରେ ବିଦେଶୀ ନିବେଶକଙ୍କ ଆଖି

# ଅର୍ଥ ବ୍ୟବସ୍ଥାକୁ ଦୋହଲାଇଦେବ 'ଜେନ୍-ଜି'ଙ୍କ କ୍ରୋଧ

**ନୂଆଦିଲ୍ଲୀ,୬।୬(ଏଜେନ୍ସି):** କକ୍ରୋଚ୍ ଜନତା ଦଳ (ସିଜେପି) ଶନିବାର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଥମ ଥର ପାଇଁ ରାସ୍ତାକୁ ଓହ୍ଲାଇଛି। ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି (ସିଜେପି) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ କକ୍ରୋଚ୍ ମନ୍ତବ୍ୟ ପରେ ସିଜେପି ଆଜି ଦିଲ୍ଲୀର ଜନ୍ତର ମନ୍ତରଠାରେ ବିକ୍ଷୋଭ କରିଛି। ଏଥିରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଅଭିଜିତ ଦୀପ୍‌କେଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଡିଜିଟାଲ୍ ପ୍ରତିବାଦ ଆଉ କେବଳ ଏକ ଅନ୍‌ଲାଇନ୍ ମିମ୍‌ରେ ସୀମିତ ନାହିଁ। ଏହି ସମୟରେ ପୁଞ୍ଜିବଜାରର ନଜର ସିଜେପି ବିକ୍ଷୋଭ ଉପରେ ରହିଛି। ବଜାର ବିଶେଷଜ୍ଞଙ୍କ ମତରେ, ଏହି ପ୍ରତିବାଦ ସେୟାର ବଜାର କାରବାରକୁ ମଧ୍ୟ ପ୍ରଭାବିତ କରିପାରେ। ସିଜେପି ଆନ୍ଦୋଳନ ବଢ଼ିଲେ ଏଥିରେ ଭାରତୀୟ ସେୟାର ପ୍ରଭାବିତ ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

### ଆନ୍ଦୋଳନ ବଢ଼ିଲେ ପ୍ରଭାବିତ ହେବ ସେୟାର ବଜାର

### ଏବେଠୁ ବଢ଼ିଲାଣି ବଜାର ବିଶେଷଜ୍ଞଙ୍କ ଆଶଙ୍କା





ରିପୋର୍ଟ ଅନୁଯାୟୀ, ବଜାର ବିଶେଷଜ୍ଞ ଏବଂ ବିଶ୍ୱର ନିବେଶକମାନେ ଏହି ବିକ୍ଷୋଭକୁ ଅତି ନିକଟରୁ ଦେଖୁଛନ୍ତି। ଦି ଏସିଆ ଗ୍ରୁପର ପାର୍ଟନର ଅଶୋକ ମଲ୍ଲିକଙ୍କ ଅନୁଯାୟୀ, ସିଜେପି ଡାକରାରେ ଯଦି ବହୁ ସଂଖ୍ୟକ ଯୁବକ (ପ୍ରାୟ ୧୦ ଲକ୍ଷ) ପ୍ରତିବାଦରେ ରାସ୍ତାକୁ ଓହ୍ଲାଇ ଆସନ୍ତି, ତେବେ ଏହା ନିବେଶକଙ୍କ ପାଇଁ ବଜାର କାରବାର ପ୍ରଭାବିତ କରିବା ଭଳି ବଡ଼ ଘଟଣା ହୋଇପାରେ। ୨୦୨୦ରେ କୃଷି ସଂସ୍କାର ଆଇନ ବିରୁଦ୍ଧରେ ବର୍ଷବ୍ୟାପୀ ପ୍ରତିବାଦ ପରେ, ସରକାର ପଛକୁ ହଟିବାକୁ ବାଧ ହୋଇଥିଲେ। ଯଦି ଏହି ସିଜେପି ପ୍ରତିବାଦ ସମାନ ମୋଡ଼ ନେଇଯାଏ, ତେବେ ଆର୍ଥିକ ସଂସ୍କାରର ଗତି ମନ୍ଥର ହୋଇପାରେ। ବିଶ୍ୱ ନିବେଶକଙ୍କ ପାଇଁ ଏକ ଦେଶର ପରବର୍ତ୍ତୀ ପିଢ଼ି ପୂର୍ବ ପିଢ଼ି ତୁଳନାରେ ଆର୍ଥିକ ଦୃଷ୍ଟିରୁ ଭଲ ସ୍ଥିତିରେ ରହିଥିବା ଜରୁରୀ। ଯଦି ଯୁବପିଢ଼ିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଏ, ତେବେ ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଉପଭୋଗ ସମ୍ଭାବନାକୁ ପ୍ରଭାବିତ କରେ, ଯାହା ଦୀର୍ଘକାଳୀନ ଲାଗି ନିବେଶକଙ୍କ ପାଇଁ ଚିନ୍ତାର ବିଷୟ।

ଏହି ଆନ୍ଦୋଳନ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରି ପ୍ରସଙ୍ଗକୁ ମୁଖ୍ୟଧାରାର ଆଲୋଚନାକୁ ଆଣିଛି। ଏଥିରେ ଚାପଗ୍ରସ୍ତ ହୋଇ ସରକାର ନୂତନ ନିଯୁକ୍ତି ସୃଷ୍ଟି କରୁଥିବା କ୍ଷେତ୍ର (ଯେପରିକି ବିନିର୍ମାଣ ଏବଂ ଆଇଟି)କୁ ପ୍ରୋତ୍ସାହନ ଦେବା ପାଇଁ ଆର୍ଥିକ ନୀତିରେ ସଂସ୍କାର ଆଣିବାକୁ ବାଧ ହୋଇପାରନ୍ତି। ଏହି ବିକ୍ଷୋଭ ଏପରି ସମୟରେ ହେଉଛି ଯେତେବେଳେ ଭାରତୀୟ ଅର୍ଥନୀତି ପୂର୍ବରୁ ଅନେକ ମୋର୍ଚ୍ଚାରେ ଆହ୍ୱାନର ସମ୍ମୁଖୀନ ହେଉଛି। ଷ୍ଟକ୍ ବଜାର ଦୃଷ୍ଟିକୋଣରୁ, ସିଜେପିର ଆନ୍ଦୋଳନକୁ ବର୍ତ୍ତମାନ ନିବେଶକମାନଙ୍କ ପାଇଁ ଏକ ପ୍ରମୁଖ ବିପଦ କାରକ ଭାବରେ ବିବେଚନା କରାଯାଉନାହିଁ। ଭାରତୀୟ ଷ୍ଟକ୍ ବଜାର ସାଧାରଣତଃ କର୍ପୋରେଟ୍ ଲାଭ, ସରକାରୀ ନୀତି, ସୁଧ ହାର, ବିଦେଶୀ ନିବେଶ ଏବଂ ଭୂରାଜନୈତିକ ପରିସ୍ଥିତିକୁ ପ୍ରଭାବିତ କରୁଥିବା ଘଟଣାଗୁଡ଼ିକ ପ୍ରତି ଅଧିକ ପ୍ରତିକ୍ରିୟା ପ୍ରକାଶ କରୁଛି।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା କୃଷି ଋଣ ଆଉଟ୍ ରିଚ୍ କାର୍ଯ୍ୟକ୍ରମ





**ସାକ୍ଷୀଗୋପାଳ,୬।୬(ସମିସ):** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଶନିବାର ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶନିବାର ସାରା ଦେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ଶନିବାର ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ସାକ୍ଷୀଗୋପାଳରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଅଶ୍ୱନୀ ଧିଙ୍ଗରା, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପକ୍ଷେତ୍ରୀୟ ମୁଖ୍ୟ ମୁକୁନ୍ଦ କୁମାର କର୍ଣ୍ଣଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮୦୦ରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କର ଋଣ ଆବଶ୍ୟକତା ପୂରଣ କରିବା ନିମନ୍ତେ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କେନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଉଲ୍ଲେଖନୀୟ ବ୍ୟାବସାୟିକ ଫଳାଫଳ ହାସଲ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ୬୨ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୁରୀ ସାଂସଦ ଶ୍ରୀ ପାତ୍ର ଓ ସତ୍ୟବାଦୀ ବିଧାୟକ ଶ୍ରୀ ମିଶ୍ର ସତ୍ୟବାଦୀ ଓ କଣାସ ବ୍ଲକ୍‌ର ୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବି, ଉଦ୍ୟମ ପଞ୍ଜୀକରଣ, ସିକେୱାଇସିର ଲାଭ ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା।

## ଖାଇବା ତେଲ ପ୍ୟାକେଜିଂ ଉପରେ ରୋକ୍

# ୮୫୦, ୯୦୦, ୯୧୦ ଗ୍ରାମ୍ ପ୍ୟାକେଟ୍ ଖେଳ ଶେଷ

**ନୂଆଦିଲ୍ଲୀ,୬।୬(ଏଜେନ୍ସି):** ଖାଇବା ତେଲ ପ୍ୟାକେଜିଂରେ ଚାଲିଛି କମ୍ପାନୀଙ୍କ ମନମାନୀ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଖାଇବା ତେଲ କମ୍ପାନୀଙ୍କ ମନଇଛା ପ୍ୟାକେଜିଂ ଉପରେ ଶନିବାର ରୋକ୍ ଲଗାଇଛନ୍ତି। ଏଣିକି କମ୍ପାନୀଗୁଡ଼ିକ ୨୦୦ ଗ୍ରାମରୁ ଆରମ୍ଭ କରି ୨୦ କେଜି ପ୍ୟାକ୍‌ରେ ଖାଇବା ତେଲ ବିକ୍ରି କରିବାକୁ ପଡ଼ିବ। ଏଥିରେ କମ୍ପାନୀଙ୍କୁ ୨୦୦ ଗ୍ରାମ, ୫୦୦ ଗ୍ରାମ, ୧ କେଜି, ୨କେଜି,୩କେଜି, ୪ କେଜି, ୫ କେଜି,୧୫ କେଜି ଓ ୨୦ କେଜି ପ୍ୟାକିଂରେ ତୈଳ ବିକ୍ରି କରିବାକୁ ହେବ। ଯାହା ଫଳରେ ପୂର୍ବରୁ କମ୍ପାନୀଗୁଡ଼ିକ ବଜାରକୁ ଛାଡୁଥିବା ୮୫୦, ୯୦୦, ୯୧୦ ଗ୍ରାମ୍ ପ୍ୟାକେଟ୍ ଖାଇବା ତେଲ ଖେଳ ଶେଷ ହୋଇଯାଇଛି। ସରକାରଙ୍କ ଏହି ନିୟମ ପରେ କମ୍ପାନୀମାନେ ନିଜ ଇଚ୍ଛାରେ ପ୍ୟାକେଟର ଆକାର ଆଉ ଛୋଟ ବଡ଼ କରି ବିକ୍ରି କରିପାରିବେନି। କେନ୍ଦ୍ର ସରକାରଙ୍କ ଖାଉଟି ବ୍ୟାପାର ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରାଳୟଙ୍କ ଖାଉଟି ବ୍ୟାପାର ବିଭାଗ ଦେଶରେ ଖାଦ୍ୟ ତୈଳ ବିକ୍ରିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ନିଷ୍ପତ୍ତି ନେଇଛନ୍ତି।

ସରକାରଙ୍କ ଦ୍ୱାରା ଜାରିଅଧିକାରୀକ ଅଧିସୂଚନା ଅନୁସାରେ ଏବେ କମ୍ପାନୀଙ୍କୁ ୨୦୦ ଗ୍ରାମରୁ ଆରମ୍ଭ କରି ୨୦ କେଜି ପର୍ଯ୍ୟନ୍ତ ଧାର୍ଯ୍ୟ ପ୍ୟାକେଟରେ ଖାଦ୍ୟ ତୈଳ ବିକ୍ରି କରିବାକୁ ହେବ। ସରକାରଙ୍କ ଲିଗାଲ ମେଟ୍ରୋଲଜି ଫ୍ରେମୱାର୍କ ଅନୁସାରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୋର (ଏସଓପି)ରେ କରାଯାଇଥିବା ସଂଶୋଧନରେ ଏହି ନିୟମ ପାମୋଲିନ୍,,ସୋୟାବିନ, ସୂର୍ଯ୍ୟମୁଖୀ, ସୋରିଷ, ବାଦାମ ତେଲ, ରାଶି , ରାଇସ ବ୍ରାନ, କଟନସିଡ୍, କର୍ଣ୍ଣ ଆଦି ତେଲର ମିଶ୍ରଣ ଉପରେ ଲାଗୁ ହେବ। ଅଧିସୂଚନା ଅନୁସାରେ ୨୦୦ ଗ୍ରାମ ବା ୨୦୦ ମିଲିଲିଟରରୁ କମ୍ ପ୍ୟାକେଟ ଉପରେ କୌଣସି କଟକଣା ରହିବ ନାହିଁ। ଏହାଛଡ଼ା ଯଦି ତେଲର ମାତ୍ରା ବା ଭଲ୍ୟୁମ (ମିଲିଲିଟର ବା ଲିଟର)ରେ ଘୋଷିତ ହୋଇଥାଏ ତେବେ କମ୍ପାନୀଙ୍କ ପାଇଁ ପ୍ୟାକେଟରେ ଏହାର ସମାନ ଓଜନ (ଗ୍ରାମ ଅଥବା କିଲୋଗ୍ରାମ) ଅକ୍ଷର ଅଥବା ସଂଖ୍ୟାରେ ଲେଖିବା ବାଧ୍ୟତାମୂଳକ। କମ୍ପାନୀ, ପ୍ୟାକର୍ସ ଓ ଆମଦାନୀକାରୀଙ୍କୁ ଏହି ନିୟମ ଅନୁପାଳନ କରିବା ଲାଗି ୩ ମାସ ସମୟ ଦେଇଛି।

### ଇଚ୍ଛା ଅନୁଯାୟୀ ପ୍ୟାକେଟ୍ ଆକାର ଛୋଟ ବଡ଼ କରିପାରିବେନି କମ୍ପାନୀ

### ଖାଉଟି ବ୍ୟାପାର ମନ୍ତ୍ରାଳୟ ନେଲା ନିଷ୍ପତ୍ତି

ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଖାଇବା ତେଲ କମ୍ପାନୀଗୁଡ଼ିକ ବଜାରରେ ଏକ ଅନନ୍ୟ ଟ୍ରେଣ୍ଡ ପ୍ରଚଳନ କରିଆସୁଥିଲେ। ପ୍ୟାକେଟର ମୂଲ୍ୟ ସିଧାସଳଖ ବଢାଇବା ବଦଳରେ ଚାଲାକି କରି ପ୍ୟାକେଟ୍‌ର ଆକାର ବଦଳାଇ ଦେଉଥିଲେ। ଏଥିରେ ସେମାନେ ପ୍ୟାକେଜିଂ ସାଇଜ କମାଇ ଦେଉଥିଲେ। ବଜାରକୁ କମ୍ପାନୀଗୁଡ଼ିକ ୧ କେଜି ବା ୧ ଲିଟର ବଦଳରେ ୮୫୦, ୯୦୦ ଅଥବା ୯୧୦ ଗ୍ରାମର ଅଜବ ଆକୃତିର ତେଲ ପ୍ୟାକେଟ୍ ଛାଡୁଥିଲେ।





ଏଥିରେ ସାଧାରଣ ଗ୍ରାହକ ପ୍ୟାକେଟକୁ ୧ ଲିଟର ଅଥବା ୧ କେଜି ଭାବି କିଣି ନେଉଥିଲେ। ଏହା ଦ୍ୱରା ସେମାନେ ଓଜନ ଠକେଇର ଶିକାର ହେଉଥିଲେ, ଯାହାର ପ୍ରଭାବ ପକେଟ ଉପରେ ପଡୁଥିଲା। ଅଲଗା ଅଲଗା କମ୍ପାନୀ ଦ୍ୱାରା ପ୍ରସ୍ତୁତ ଅଜବ ଅଜବ ତେଲ ପ୍ୟାକେଟ୍‌ରୁ ଗ୍ରାହକ ମୂଲ୍ୟର ସଠିକ ତୁଳନା କରିପାରୁ ନଥିଲେ। ହେଲେ ଏବେ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ଖାଇବା ତେଲ ବଜାରରେ ପାରଦର୍ଶିତା ଆସିବ ଓ ଏପରି ପ୍ରେଡେଟରୀ ପ୍ୟାକେଜିଂ ଉପରେ ଲଗାମ୍ ଲାଗିବ। ଇଣ୍ଡିଆ ଭେଜିଟେବଲ ଅଏଲ ପ୍ରଡ୍ୟୁସର୍ସ ଆସୋସିଏସନ (ଆଇଭିପିଏ) ଓ ଅନ୍ୟ ଉଦ୍ୟୋଗ ସଂଘ ସରକାରଙ୍କ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଖାସ ପରିବର୍ତ୍ତନ ପରେ ଖାଉଟି ବିନା କୌଣସି ଭ୍ରମରେ ଉଚିତ ଦାମ୍‌ରେ ଉଚିତ ମାତ୍ରାର ଖାଦ୍ୟ ତୈଳ କ୍ରୟ କରିପାରିବେ ଓ ଠକେଇରୁ ବର୍ତ୍ତିପାରିବେ।

## ରାଜ୍ୟରେ ବିଦ୍ୟୁତର ପିକ୍ ଡିମାଣ୍ଡ ୬,୭୭୫ ମେଗାୱାଟ୍ ଛୁଇଁଲା

**ନୂଆଦିଲ୍ଲୀ,୬।୬(ଏଜେନ୍ସି):** ଓଡ଼ିଶା ଏବେ ଇତିହାସର ସବୁଠାରୁ କଷ୍ଟକର ଗ୍ରୀଷ୍ମ ଋତୁର ସାମ୍ନା କରୁଛି। ତାପମାତ୍ରା ପ୍ରତିଦିନ ପ୍ରାୟ ୪୫ ଡିଗ୍ରୀ ଛୁଉଁଛି। ରାଜ୍ୟର ଆର୍ଥିକ ବିକାଶ ଓ ଲୋକଙ୍କ ବଢୁଥିବା ଆବଶ୍ୟକତା ଯୋଗୁଁ ରାଜ୍ୟରେ ବିଦ୍ୟୁତ୍‌ର ପିକ ଡିମାଣ୍ଡ ୬,୭୭୫ ମେଗାୱାଟରେ ପହଞ୍ଚିଛି, ଯାହା ଓଡ଼ିଶା ଇତିହାସରେ ଏ ପର୍ଯ୍ୟନ୍ତର ସବୁଠାରୁ ଅଧିକ। ଏହି ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ସାଧାରଣ ଲୋକଙ୍କୁ ଦିନର ସବୁଠାରୁ ଗରମ ସମୟରେ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଉଛି, କିନ୍ତୁ ଆମର ହଜାର ହଜାର ବିଦ୍ୟୁତ କର୍ମଚାରୀ ଏହାର ସମ୍ପୂର୍ଣ୍ଣ ଓଲଟା କାମ କରୁଛନ୍ତି। ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଉପରେ ଏବେ ମାତ୍ରାଧିକ ଚାପ ପଡ଼ିଛି। ଘର ଓ ଅଫିସକୁ ଥଣ୍ଡା ରଖିବା ପାଇଁ ବିଦ୍ୟୁତ ସରଞ୍ଜାମର ଅଧିକ ବ୍ୟବହାର ଯୋଗୁଁ ବିଦ୍ୟୁତ ଚାହିଦା ଆକାଶଛୁଆଁ ହୋଇଛି। ଦିନବେଳେ ପ୍ରବଳ ଗରମ ଯୋଗୁଁ ମେସିନ୍ ଗୁଡ଼ିକ ଉପରେ ଚାପ ପଡୁଥିବା ବେଳେ, ସନ୍ଧ୍ୟା ବେଳକୁ ହଠାତ୍ କାଳବୈଶାଖୀ ଝଡ଼ ମାଡ଼ି ଆସୁଛି। ଏହାଫଳରେ ବିଦ୍ୟୁତ ସେବା ବାରମ୍ବାର ବାଧାପ୍ରାପ୍ତ ହେଉଛି। ଏହାର ମୁକାବିଲା କରିବା ପାଇଁ ଆମେ ଆମର ଅତ୍ୟାଧୁନିକ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର (ପିଡ଼ିଟିସି) କୁ ୨୪ ଘଣ୍ଟା ସକ୍ରିୟ କରାଯାଇଛି। ରିଛୁ। ଆମର ଜୀବନ୍ତ ସ୍ନାୟୁ କେନ୍ଦ୍ର ଭାବରେ, ପିଡ଼ିଟିସି ଡିଷ୍ଟ୍ରିବ୍ୟୁସନ ନେଟୱର୍କକୁ ଦିନରାତି ୨୪ ଘଣ୍ଟା ନିରୀକ୍ଷଣ ଏବଂ ପରିଚାଳନା କରେ। ସହରଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ପ୍ରାୟ ୨୬,୦୦୦ ରୁ ଅଧିକ ଫ୍ରଣ୍ଟ ଲାଇନ ଫିଲ୍ଡ କର୍ମଚାରୀ ଓ ଯନ୍ତ୍ରୀମାନେ ଦିନରାତି ଏକ କରି କାମ କରୁଛନ୍ତି। ସେମାନେ ଆମର ଯୋଗାଣ ବିଶ୍ୱସନୀୟତା ଏବଂ ନେଟୱର୍କ ରକ୍ଷଣାବେକ୍ଷଣର ପ୍ରକୃତ ମେରୁଦଣ୍ଡ ବୋଲି ଟିପିସିଓଡିଏଲ୍‌ର ଚିଫ୍ ଅଫ୍ ଡିସକମ୍ ଏବଂ ସିଇଓ କହିଛନ୍ତି।

## ୫୦%ରୁ ଅଧିକ ଖସିଲା ବିଟ୍ କଏନ୍

**୮ ମାସରେ ବଡ଼ ହ୍ରାସ**

**ନୂଆଦିଲ୍ଲୀ,୬।୬(ଏଜେନ୍ସି):** ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟ୍ କଏନ୍, ୨୦୨୪ ଅକ୍ଟୋବର ପରେ ପ୍ରଥମ ଥର ପାଇଁ ୬୦ ହଜାର ଡଲାର ସ୍ତର ତଳକୁ ଖସିଯାଇଛି। ଏହା ବିଟ୍ କଏନ୍‌ରେ ଚାଲିଥିବା ବୃହତ୍ ହ୍ରାସକୁ ସୂଚାଉଛି। କାରଣ ବର୍ତ୍ତମାନ ବିଟ୍ କଏନ୍ ମୂଲ୍ୟ ୫୦%ରୁ ଅଧିକ ଖସିଗଲାଣି। ଅକ୍ଟୋବରରେ ୧.୨୬ ଲକ୍ଷ ଡଲାରରୁ ଅଧିକର ସର୍ବୋଚ୍ଚ ସ୍ତରକୁ ପହଞ୍ଚିବା ପରଠାରୁ, ଏହା ମାତ୍ର ୮ ମାସ ମଧ୍ୟରେ ଏହାର ମୂଲ୍ୟର ଅଧାରୁ ଅଧିକ ହରାଇଛି।

ଶନିବାର ସକାଳେ ବିଟ୍ କଏନ୍ ମଉଲ୍ୟରେ ପ୍ରାୟ ୭ ପ୍ରତିଶତ ହ୍ରାସ ଘଟି ଏହା ୫୯,୧୦୧ ଡଲାରରେ ପହଞ୍ଚିଛି। ପରେ, ଏହା ୫୯,୭୪୩.୨୧ ଡଲାର ପାଖାପାଖି କାରବାର ହେଉଥିବା ଦେଖାଯାଇଥିଲା। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ବିଟ୍ କଏନ୍ ଉପରେ ଚାପର ଏକ ପ୍ରମୁଖ କାରଣ ହେଉଛି ଲିକ୍ୟୁଡିଟିରେ ପରିବର୍ତ୍ତନ, ବିଶେଷକରି ସଂସ୍ଥାଗତ ନିବେଶକଙ୍କ ଦ୍ୱାରା ନିବେଶରେ ହ୍ରାସ। ନିବେଶକଙ୍କ ପୁଞ୍ଜି ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ପ୍ରତିରକ୍ଷା, ଶକ୍ତି ଏବଂ ଭିତ୍ତିଭୂମି ଭଳି କ୍ଷେତ୍ର ଆଡ଼କୁ ମୁହାଁଇଛି, ଯାହା ଫଳରେ ସେମାନେ କ୍ରିପ୍ଟୋକରେନ୍ସି ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଛନ୍ତି। ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ସୁନା ଏବଂ ଏଆଇ-ସମ୍ବନ୍ଧୀୟ ଷ୍ଟକ୍ ପ୍ରତି ବଢୁଥିବା ଆଗ୍ରହ ମଧ୍ୟ କ୍ରିପ୍ଟୋକରେନ୍ସି ଚାହିଦାକୁ ପ୍ରଭାବିତ କରିଛି। ଏହା ବ୍ୟତୀତ, ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସର ସମ୍ଭାବନା ସମ୍ପର୍କରେ ନିବେଶକଙ୍କ ପରିବର୍ତ୍ତନଶୀଳ ମନୋଭାବ ମଧ୍ୟ କ୍ରିପ୍ଟୋକରେନ୍ସି ବଜାରକୁ ପ୍ରଭାବିତ କରିଛି। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ନିବେଶକମାନେ ଏବେ ବିଟ୍ କଏନ୍ ୬୦ ହଜାର ଡଲାରରୁ ୬୨ ହଜାର ଡଲାରର ଗୁରୁତ୍ୱପୂର୍ଣ୍ଣ ସମର୍ଥନ ସ୍ତର ବଜାୟ ରଖିପାରିବେ କି ନାହିଁ ତାହା ଦେଖିବା ପାଇଁ ଚାହିଁ ରହିବେ। ଯଦି ଏହି ସ୍ତର ବଜାୟ ରହେ, ତେବେ ବଜାରରେ ନିବେଶକଙ୍କ ବିଶ୍ୱାସ ଫେରିଆସିପାରେ।

## ମେ'ରେ ୩ ଲକ୍ଷ ୟୁନିଟ୍ ବିକିଛି ଏଆଇ+ ସ୍ମାର୍ଟଫୋନ



**ମୁମ୍ବଇ, ୬।୬:** ଏଆଇ+ ସ୍ମାର୍ଟଫୋନ ଗତ ମେ' ମାସରେ ୩ ଲକ୍ଷରୁ ଅଧିକ ୟୁନିଟ୍ ସ୍ମାର୍ଟଫୋନ ବିକ୍ରି କରିବା ସହିତ ୩୫୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲ କରିଛି। ଏହି ସଫଳତା ଭାରତରୁ ଏକ ନୂତନ ଯୁଗର ଟେକ୍ନୋଲୋଜି ବ୍ରାଣ୍ଡ ନିର୍ମାଣ କରିବାର ଏଆଇ+ର ଦୃଷ୍ଟିକୋଣ ପଛର ବର୍ଦ୍ଧିତ ବେଗକୁ ପ୍ରତିଫଳନ କରୁଛି। ଏଭଳି ଏକ ବ୍ରାଣ୍ଡ ଯାହା ଉପଭୋକ୍ତାଙ୍କ ଏକ ନୂତନ ପିଢି ପାଇଁ ସ୍ମାର୍ଟଫୋନ ଅନୁଭୂତିକୁ ପୁନଃପରିକଳ୍ପନା କରିବା ଲାଗି ଉଦ୍ଭାବନ, ଉପଲବ୍ଧତା ଓ ଉପଭୋକ୍ତା ପ୍ରଥମ ଚିନ୍ତାଧାରାକୁ ଏକତ୍ରିତ କରିଛି। ଏକ ବର୍ଷରୁ କମ୍ ସମୟ ହେବ ଭାରତୀୟ ସ୍ମାର୍ଟଫୋନ ବଜାରରେ ପ୍ରବେଶ କରିଥିବା ଏଆଇ+ ସ୍ମାର୍ଟଫୋନ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ ବ୍ରାଣ୍ଡ ଭାବେ ଉଭା ହୋଇଛି। ଗତ ଏପ୍ରିଲ ୨୦୨୬ରେ ଏଆଇ+ ସ୍ମାର୍ଟଫୋନ ନୋଭା ୨ , ନୋଭା ୨ ଅଲ୍‌ଟ୍ରା ଓ ନୋଭା ଫ୍ଲିପର ସଫଳ ଲଂଚ ପରେ କମ୍ପାନୀକୁ ଏହି ସଫଳତା ମିଳିଛି ଯାହା ବ୍ରାଣ୍ଡର ଅଭିବୃଦ୍ଧିର ଏକ ପ୍ରମୁଖ ପରିଚାଳକ ଭାବେ ସାମ୍ନାକୁ ଆସିଛି।

## ରୋସନେଫ୍ଟର ସିଇଓଙ୍କ ଆଶ୍ଚର୍ଯ୍ୟଜନକ ଦାବି

# ହରମୁଜ୍ ପ୍ରଣାଳୀ ବନ୍ଦ ରହିଲେ ଆମେରିକାର ଲାଭ

**ନୂଆଦିଲ୍ଲୀ,୬।୬(ଏଜେନ୍ସି):** ଆମେରିକା-ଇରାନ୍ ବିବାଦ ମଧ୍ୟରେ କିଛି ଦିନ ହେବ ହରମୁଜ୍ ପ୍ରଣାଳୀ ବନ୍ଦ ରହିଛି। ତେବେ ସତ କଥା ହେଉଛି, ହରମୁଜ୍ ପ୍ରଣାଳୀ ଅଧିକ ଦିନ ବନ୍ଦ ରହିବା ଦ୍ୱାରା ସେଥିରେ ଆମେରିକାର ଅଧିକ ଲାଭବାନ୍ ହେଉଛି। ରୁଷର ସର୍ବବୃହତ ତୈଳ କମ୍ପାନୀ ରୋସନେଫ୍ଟର ସିଇଓ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି।

ରୋସନେଫ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଇଗୋର ସେଚିନ୍ ଶନିବାର ଏ ନେଇ ଚେତାବନୀ ଦେଇ କହିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ଜାହାଜ ଚଳାଚଳ ପଥକୁ ଦୀର୍ଘ ସମୟ ପାଇଁ ଅବରୋଧ କରିବା ଦ୍ୱାରା ବିଶ୍ୱ ତୈଳ ଚାହିଦା ହ୍ରାସ ପାଇପାରେ। ଏହା ବିକଳ୍ପ ଶକ୍ତି ଉତ୍ସ ପ୍ରତି ଆଗ୍ରହ ବୃଦ୍ଧି କରିବାର ସମ୍ଭାବନା ରହିଛି। ହରମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ଆମେରିକୀୟ ଶକ୍ତି କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ ଲାଭ ପାଉଛନ୍ତି। ରଏଟର୍ସ ଅନୁଯାୟୀ, ସେଚିନ୍ ସେଣ୍ଟ ପିଟର୍ସବର୍ଗ ଅନ୍ତର୍ଜାତୀୟ ଅର୍ଥନୈତିକ ଫୋରମରେ କହିଥିଲେ ଯେ ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ବନ୍ଦ ହେବା ଦ୍ୱାରା ଶକ୍ତି ବଜାରରେ ପରିବର୍ତ୍ତନ ଆସିଛି, ଯାହା ଆମେରିକାକୁ ଲାଭ ପହଞ୍ଚାଇଥାଏ। ହରମୁଜ୍ ପ୍ରଣାଳୀ ମାଧ୍ୟମରେ ବହୁ ପରିମାଣରେ ଅଶୋଧିତ ତୈଳ ଯୋଗାଣ କରାଯାଏ। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଆମେରିକାକୁ ଲାଭ ଦେବା ପାଇଁ ବିଶ୍ୱ ଶକ୍ତି ବଜାରର ନିୟମ ପରିବର୍ତ୍ତନ କରିବାର ଏକ ପ୍ରୟାସବୋଲି ସେ ବର୍ଣ୍ଣନା କରିଛନ୍ତି। ଇରାନକୁ ଟାର୍ଗେଟ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମଗ୍ର ବିଶ୍ୱ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଛି ଏବଂ ଏଥିରେ ଥିବା ରଣନୈତିକ ବିପଦକୁ ଅଣଦେଖା କରାଯାଇଛି।



### ବିଶ୍ୱ ବଜାରରେ ତୈଳ ଚାହିଦା ହ୍ରାସ ନେଇ ଚେତାବନୀ

ସେ ଆହୁରିମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଯେ ହର୍ମୁଜ୍ ପ୍ରଣାଳୀ ଚାରିପାଖରେ ଅସ୍ଥିରତା ଜାରି ରହିବା ବିଶ୍ୱ ଶକ୍ତି କ୍ଷେତ୍ର ଉପରେ ବଡ଼ ପ୍ରଭାବ ପକାଇପାରେ। ଯଦି ପ୍ରଣାଳୀ ପୁନର୍ବାର ଖୋଲାଯାଏ ତେବେ ମୂଲ୍ୟ ହ୍ରାସ ପାଇବାର ଆଶା କରାଯାଉଛି। ଯଦି ନିକଟ ଭବିଷ୍ୟତରେ ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲାଯାଏ, ତେବେ ତୈଳ ମୂଲ୍ୟ ଧୀରେ ଧୀରେ ହ୍ରାସ ପାଇପାରେ। ସେ ଭବିଷ୍ୟବାଣୀ କରିଛନ୍ତି ଯେ, ଚଳିତ ବର୍ଷ ଶେଷ ସୁଦ୍ଧା ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ପ୍ରାୟ ୯୫-୯୬ ଡଲାର ରହିବ। ଏକ ବର୍ଷ ମଧ୍ୟରେ ଏହା ପ୍ରତି ବ୍ୟାରେଲ ପ୍ରାୟ ୮୦-୮୫ ଡଲାରକୁ ହ୍ରାସ ପାଇବ। ଏହାଛଡା ୨୦୨୭ର ଦ୍ୱିତୀୟାର୍ଦ୍ଧ ସୁଦ୍ଧା ବଜାର ସ୍ଥିତି ସ୍ୱାଭାବିକ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ ଚୀନ୍ ଏହାର ସୁଚିନ୍ତିତ ସରକାରୀ ନୀତି ପାଇଁ ଅଧିକାଂଶ ଦେଶ ତୁଳନାରେ ଏହି ସଙ୍କଟ ପାଇଁ ଭଲ ଭାବରେ ପ୍ରସ୍ତୁତ ଥିବା ପରି ମନେ ହେଉଛି। ତଥାପି, ସେ ଚେତାବନୀ ଦେଇଥିଲେ ଯେ ଅନ୍ୟ ପ୍ରମୁଖ ସାମୁଦ୍ରିକ ଅବରୋଧ - ଯେପରିକି ମାଲାକ୍କା ପ୍ରଣାଳୀ, ବାବ୍ ଅଲ୍-ମାଣ୍ଡେବ ଏବଂ ଜିବ୍ରାଲ୍ଟର ମଧ୍ୟ ଅବରୋଧର ବିପଦରେ ପଡ଼ିପାରେ।

